cmyk

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## କାବୁଲ: ଟି-୨୦ ମ୍ୟାଚ୍ ବେଳେ ଷ୍ଟାଡିୟମ ବାହାରେ ଆତ୍ମଘାତୀ ବୋମା ବିସ୍ଫୋରଣ, ୩ ମୃତ



R.N.I. No.-42041/83 Vol-15, Issue No.81, ଭଦ୍ରକ, ଗୁରୁବାର, ୧୪, ସେପ୍ଟେମ୍ବର ୨୦୧୭ ■ Bhadrak, Thursday, 14 September 2017 Rs. 2.00 Pages-8

### ପ୍ରତୀକ୍ଷାର ଅନ୍ତ

# ପ୍ରଥମ ବୁଲେଟ୍ ଟ୍ରେନର ଶିଳାନ୍ୟାସ ଆଜି



- ୫୦୮ କିଲୋମିଟର ଦୂର ଲାଗିବ ୨ଘଣ୍ଟା ୭ ମିନିଟ୍
- ୨୧ କିଲୋମିଟର ସୁଡ଼ଙ୍ଗ ଓ ୭କିଲୋମିଟର ସମୁଦ୍ର ଭିତରେ ଗତି କରିବ
- ପ୍ରକଳ୍ପ ପାଇଁ ୧ଲକ୍ଷ ୧୦ହଜାର କୋଟି ଖର୍ଚ୍ଚ
- ୦.୧%ରେ ଜାପାନ ଦେବ ୮୮ହଜାର କୋଟିର ଋଣ

ନୂଆଦିଲ୍ଲୀ, ୧୩।୯ : ଦେଶର ପ୍ରଥମ ବୁଲେଟ ଟ୍ରେନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କର ଜାପାନୀ ସମକକ୍ଷ ସିଞ୍ଜୋ ଆବେ ଅହମଦାବାଦରେ ଶିଳାନ୍ୟାସ କରିବେ । ଗୁଜୁରାଟର ଅହମ୍ମଦାବାଦ ଠାରୁ ମୁମ୍ବାଇକୁ ଯୋଡିବାକୁ ଥିବା ବୁଲେଟ ଟ୍ରେନ ପ୍ରକଳ୍ପ ୫୦୮ କିଲୋମିଟର ହେବ । ଏଥିପାଇଁ ୧,୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ବୁଲେଟ ଟ୍ରେନ ଲାଇନର କିଛିଅଂଶ ସମୁଦ୍ର ଭିତର ଦେଇ ଗତି କରିବ । ଅହମ୍ମଦାବାଦ-ମୁମ୍ବାଇ ମଧ୍ୟରେ ୧୨ଟି ଷ୍ଟେସନକୁ ପ୍ରସ୍ତାବ ରଖାଯାଇଛି । କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ଭାରତରେ ବୁଲେଟ ଟ୍ରେନ ଚଳାଇବାକୁ ଜୋର ଧରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଆସନ୍ତାକାଲି ଏହାର ଶିଳାନ୍ୟାସ କରିବେ । ଦେଶ ପାଇଁ ଏହା ଐତିହାସିକ ମୁହୂର୍ତ୍ତ ହେବ । ଖର୍ଚ୍ଚ ହେବାକୁ ଥବା ୧,୧୦,୦୦୦ କୋଟି ଟଙ୍କାରୁ ଜାପାନ ୮୮,୦୦୦ କୋଟି ଟଙ୍କା ଋଣ ଦେବ । ଏହାର ସୁଦ୍ଧ ଦର ୦.୧ ପ୍ରତିଶତ ରହିବ । ଏହି ଟଙ୍କା ଜାପାନକୁ ୫୦ ବର୍ଷ ଭିତରେ ଫେରାଇବାକୁ ହେବ । ଏଥିରେ ୧୫ ବର୍ଷର ଗ୍ରେସ ସମୟ ମିଳିବ । ପ୍ରକଳ୍ପରେ ୯୨ ପ୍ରତିଶତ ରେଳ ଧାରଣା ଏଲିଭେଟିଡ ହେବ, ୬ ପ୍ରତିଶତ ମାଟି ଭିତରେ ଓ କେବଳ ୨ପ୍ରତିଶତ ମାଟି ଉପରେ ରହିବ । ସେହିଭଳି ୨୧ କିଲୋମିଟର ସୁଡ଼ଙ୍ଗ ଓ ୬କିଲୋମିଟର ସମୁଦ୍ର ଭିତରେ ଗତି କରିବ । ୫୦୮ କିଲୋମିଟରକୁ ଟ୍ରେନ ୨ଘଣ୍ଟା ୭ମିନିଟରେ ଶେଷ କରିବ । ରେଳ ମନ୍ତ୍ରାଳୟ କହିବା ଅନୁସାରେ ବୁଲେଟ ଟ୍ରେନକୁ ୩୨୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚଳାଯାଇପାରିବ । ଏହାକୁ ବାଇ ଅତି ବେଶୀରେ ୩୫୦ କିଲୋମିଟର ଘଣ୍ଟା ପ୍ରତି ଚଳାଇଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ ।

# ମନ୍ତ୍ରୀ, ବିଧାୟକଙ୍କ ଦରମା ବଢ଼ିଲା

ଭୁବନେଶ୍ୱର, ୧୩।୯ (ସକାଳ ଖବର) : ବିଧାୟକ ମାନଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ପାଉଥିବା ଦରମା ଏବଂ ଭତାକୁ ବୃଦ୍ଧି କରାଯାଇଛି । ଆଜି ସନ୍ଧ୍ୟାରେ ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତି ନିଆଯାଇଥିବା ଜଣାଯାଇଛି । ତେବେ ଏନେଇ ସାମ୍ବାଦିକ ସମ୍ମିଳନୀରେ କୌଣସି ସୂଚନା ଦିଆଯାଇ ନାହିଁ । ବିଶେଷ ସୂତ୍ରରେ ଏହି ସୂଚନା ମିଳିଛି । ଉକ୍ତ ନିଷ୍ପତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏଣିକି ୫୯ ହଜାର ଟଙ୍କା ପରିବର୍ତ୍ତେ ୯୮ ହଜାର ଟଙ୍କା ଦରମା ଏବଂ ଭତା ମିଶି ପାଇବେ । ସେହିପରି ବାଚସ୍ପତି ପାଇବେ ୫୮ ହଜାର ଟଙ୍କା ପରିବର୍ତ୍ତେ ୯୭ ହଜାର ୫୦୦ ଟଙ୍କା ପାଇବେ, ବିରୋଧୀ ଦଳ ନେତା ୫୮ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ପାଇବେ ୯୭ ହଜାର ଟଙ୍କା, ଉପ ବାଚସ୍ପତି ୫୬ ଟଙ୍କା ପାଉଥିଲା ବେଳେ ଏଣିକି ପାଇବେ ୯୩ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୫୭ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ୯୫ ହଜାର ଟଙ୍କା ପାଇବେ, ସରକାରୀ ମୁଖ୍ୟ ସଚେତକ ୫୮ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ୯୭ ହଜାର ଟଙ୍କା ପାଇବେ । ବିଧାୟକଙ୍କ ଦରମା ୫୮ ହଜାର ଥିବା ବେଳେ ଏଣିକି ସେମାନେ ମାସିକ ବେତନ ୧ ଲକ୍ଷ ଟଙ୍କା ପାଇବେ । ସେହିପରି କ୍ୟାବିନେଟ ମନ୍ତ୍ରୀ ୫୮ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ୯୭ ହଜାର ୫୦୦ ଟଙ୍କା ପାଇବେ । ଉପ ମୁଖ୍ୟ ସଚେତକ ୫୬ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ୯୩ ହଜାର ଟଙ୍କା ପାଇବେ । ଭୁବନେଶ୍ୱର ମଧ୍ୟ ବିଧାୟକ ବିଜୟ କୁମାର ମହାନ୍ତି ଅନ୍ୟାନ୍ୟ ବିଧାୟକ ମାନଙ୍କ ତୁଳନାରେ ଗସ୍ତ ଖର୍ଚ୍ଚ ପାଇବେ ନାହିଁ । ବିଧାନସଭାଠାରୁ ୧୦ କି.ମି. ଦୂରରେ ଥିବା ନିର୍ବାଚନ ମଣ୍ଡଳୀର ବିଧାୟକ ମାନେ ଏହି ସୁବିଧା ପାଇବେ । ଏହା ପୂର୍ବରୁ ବୁଧବାର ପୂର୍ବାହ୍ନରେ ବିଧାୟକ ମାନଙ୍କର ଆଂଚଳିକ ବିକାଶ ପାଣ୍ଠି (ଲ୍ୟାଡ)ର ପରିମାଣ ଓ ସେମାନଙ୍କର ବେତନ ବୃଦ୍ଧି କରିବା (ପୃଷ୍ଠା-୭)

# ଦାଉଦର ୪୨ ହଜାର କୋଟିର ସମ୍ପତ୍ତି ଜବତ



ନୂଆଦିଲ୍ଲୀ, ୧୩।୯ : ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ ବିରୁଦ୍ଧରେ ବ୍ରିଟେନରେ ବଡ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବ୍ରିଟେନରେ ଦାଉଦ ଇବ୍ରାହିମର କୋଟି କୋଟି ସମ୍ପତ୍ତି ଜବତ କରାଯାଇଛି । ଏକ ବ୍ରିଟିଶ ଖବରକାଗଜ ଦାଉର ସମ୍ପତ୍ତି ଜବତ ହେବାର ଖବର ପ୍ରକାଶ କରିଛି । ଜବତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୪୨ ହଜାର କୋଟି ବୋଲି ସୂଚନା ମିଳିଛି । ବ୍ରିଟେନର ବାର୍ବିକଶାୟରରେ ଦାଉଦର ହୋଟେଲ । ମିଡଲୈଣ୍ଡରେ ଦାଉଦର ବହୁ ଉଚ୍ଚମୂଲ୍ୟର ସମ୍ପତ୍ତି ରହିଛି । ଗତ ମାସରେ ୟୁକେ ଟ୍ରେଜେରୀ ବିଭାଗ ଏକ ତାଲିକା ଜାରୀ କରିଥିଲା। ଯେଉଁଥିରେ ଦାଉଦର ପାକିସ୍ତାନରେ ତିନୋଟି ଠିକଣା ବିଷୟରେ କୁହାଯାଇଥିଲା । ଦାଉଦ ଦୁନିଆର ଦ୍ୱିତୀୟ ସବୁଠାରୁ ଧନୀ ଅପରାଧୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୟୁଏଇ ଓ ଲଣ୍ଡନ ଯାତ୍ରା ପରେ ଦାଉଦର ସମ୍ପତ୍ତି ଜବତ ଅଭିଯାନ ଆରମ୍ଭ ହୋଇଥିଲା । ଦାଉଦ ଇବ୍ରାହିମକୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରିବା ସହ ଦୁନିଆ ସାରା ବ୍ୟାପିଥିବା ତାର ସମସ୍ତ ସମ୍ପତ୍ତିକୁ ଜବତ କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି ।



ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଗୁଜୁରାଟ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଭବ୍ୟ ସ୍ୱାଗତ କରିବା ସହ ଭାରତର ସଂସ୍କୃତିର ସମ୍ୟକ ଝଲକ ଦେଖାଉଛନ୍ତି ।

### ଫ୍ଲାଏ ଓଭର ଭୁଶୁଡିବା ଘଟଣା

# ଫେରାର୍ ନିର୍ଦ୍ଦେଶକଙ୍କ ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରୀ

ଭୁବନେଶ୍ୱର, ୧୩।୯ (ସକାଳ ଖବର) :- ବମିଖାଲରେ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ବୁଧବାର ଠିକାଦାର ସଂସ୍ଥା ପଣ୍ଡା ଇନଫ୍ରାର ଫେରାର୍ ଥିବା ୨ ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା ଏବଂ ସୁଜାତା ପଣ୍ଡାଙ୍କ ନାମରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଛି । କମିଶନରେଟ୍ ପୋଲିସ୍ ପକ୍ଷରୁ ଏହି ସର୍କୁଲାର ଜାରୀ ହୋଇଛି । ଅନ୍ୟପକ୍ଷରେ ଏଇ ଘଟଣାରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୂର୍ତ୍ତ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏଥିସହ ଅନ୍ୟ ୭ ଜଣଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟଙ୍କ ତତ୍ୱାବଧାନରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଆବେଦନ କରାଯାଇଛି।

### କୁଳଭୂଷଣ ଯାଦବ ମାମଲା

# ମିଛୁଆ ପାକିସ୍ତାନକୁ ପର୍ଦ୍ଦାଫାସ୍ କରିବ ଭାରତ

ହେଗ, ୧୩।୯: ପାକିସ୍ତାନରେ ମୃତ୍ୟୁଦଣ୍ଡ ପାଇଥିବା କୁଲଭୂଷଣ ଯାଧବ ମାମଲାକୁ ନେଇ ଅନ୍ତରାଷ୍ଟ୍ରୀୟ ନ୍ୟାୟାଳୟ ହେଗରେ ଭାରତ ବୁଧବାର ଏକ ମେମୋରିୟାଲ ଦାଖଲ କରିବ । ଏହି ମେମୋରିଆଲ ଅପରାହ୍ନ ସାଢ଼େ ୩ଟାରେ ଦିଆଯିବ । ଏହି ପତ୍ରରେ ଭାରତ ପାକିସ୍ତାନର ମିଛର ପର୍ଦ୍ଦାଫାଶ କରିବ ଯେଉଁଥିରେ କୁଲଭୂଷଣର ଗିରଫକୁ ନେଇ ପାକିସ୍ତାନର ମିଥ୍ୟା ତଥ୍ୟକୁ ଅନ୍ତରାଷ୍ଟ୍ରୀୟ କୋର୍ଟରେ ରଖାଯିବ । କୁଲଭୂଷଣ ଯାଧବ ଉପରେ ପାକିସ୍ତାନ ଗୁପ୍ତଚରର ମିଥ୍ୟା ଅଭିଯୋଗ (ପୃଷ୍ଠା-୭)

# ପିସିକୁ ନେଇ ଗୃହ ଅଚଳ

ଭୁବନେଶ୍ୱର, ୧୩।୯ (ସକାଳ ଖବର) :- ବିରୋଧୀ ଦଳର ପ୍ରବଳ ହଟ୍ଟଗୋଳ ଯୋଗୁ ଆଜି ଗୃହର ପ୍ରଥମାର୍ଦ୍ଧ ବୈଠକର କୌଣସି କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ପୂର୍ବାହ୍ନ ୧୦.୩୧ରୁ ଅପରାହ୍ନ ୩ ଟା ଯାଏ ଗୃହକୁ ମୁଲତବୀ ରଖିଛନ୍ତି । ପ୍ରଚଳିତ ପିସି ବ୍ୟବସ୍ଥା ବନ୍ଦ କରିବା ନେଇ ବିରୋଧୀ ଦଳ ପକ୍ଷରୁ ଅଣା ଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସକୁ ଗ୍ରହଣ କରା ଯାଇ ନ ଥିବାରୁ ତାର ପ୍ରତିବାଦରେ କଂଗ୍ରେସ ଓ ବିଜେପି ଦଳର ସଦସ୍ୟ ମାନେ ମିଳିତ ଭାବେ ଗୃହ ମଧ୍ୟକୁ ପଳାଇ ଆସି ବିଭିନ୍ନ ନାରାବାଜୀ କରିବା ସହ ହଟ୍ଟଗୋଳ ସୃଷ୍ଟି କରିଥିଲେ । ଅନ୍ୟ ପକ୍ଷରେ ବାଚସ୍ପତି ଶ୍ରୀ ଅମାତ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବିଜେପି ବିଧାୟକ ଦିଲ୍ଲୀପ



ରାୟଙ୍କର ଚାଷୀ ପରିବାରର ହାରାହାରି ଆୟ ସମ୍ପର୍କିତ ପ୍ରଶ୍ନର ଉତର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡା. ଦାମୋଦର ରାଉତ ଦେଇଥିଲେ ହେଁ ହଟ୍ଟଗୋଳ ଯୋଗୁ ତାହା ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହୋଇ ପାରି ନ ଥିଲା । ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ପୂର୍ବାହ୍ନ ୧୦.୩୦ ମିନିଟରେ ଗୃହର ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ବିଜେପି ଦଳର ସଦସ୍ୟ ମାନେ ନିଜ ନିଜ ଆସନ ଛାଡି ଗୃହର ମଧ୍ୟ ଭାଗକୁ ପଳାଇ ଆସି ପ୍ରଥମେ ନାରାବାଜୀ ଦେଇଥିଲେ । ସେମାନଙ୍କୁ ଏଥିରୁ ନିବୃତ ରହିବାକୁ ବାଚସ୍ପତି ଅନୁରୋଧ କରିଥିଲେ ମାତ୍ର ସଭ୍ୟ ମାନେ ଏହାକୁ ନ ଶୁଣି ନିଜ ଜିଦରେ ଅଟଳ ରହି ହଟ୍ଟଗୋଳକୁ ଜୋରଦାର କରିଥିଲେ । ଇତି ମଧ୍ୟରେ ଗୃହରେ ଉପସ୍ଥିତ ଥିବା ମୁଖ୍ୟମନ୍ତ୍ରୀ ଗୃହ ଛାଡି ଚାଲି ଯାଇଥିଲେ । ଏହା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ । ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । କହିବାକୁ ଗଲେ ଗୃହର କାର୍ଯ୍ୟ ଏକ ମିନିଟ ପାଇଁ ଚାଲିଥିଲା । ଗୃହ ବାହାରେ ଶାସକ ଦଳର ବିଧାୟକ ସମୀର ରଂଜନ ଦାଶ ବିରୋଧୀ ଦଳକୁ ସମାଲୋଚନା କରି କହିଥିଲେ ଯେ ଯୋଜନାବଦ୍ଧ ଭାବେ ଗୃହକୁ ବନ୍ଦ କରିବା ପାଇଁ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି । ପିସି କାରବାର ସମ୍ପର୍କରେ ଗତକାଲି ଗୃହରେ ଆଲୋଚନା ହୋଇଥିବା ବେଳେ ପୁନର୍ବାର ଆଲୋଚନା କରିବା ସମ୍ଭବ ନୁହେଁ । ପ୍ରଶ୍ନକାଳକୁ ବାତିଲ କରି ପିସି କାରବାର ଉପରେ ଆଲୋଚନା କରିବା ପାଇଁ ବିରୋଧି ସଭ୍ୟମାନେ ଜିଦ୍ ରେ ଅଟଳ ରହିବ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ପ୍ରସଙ୍ଗ ଜନିତ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଜାଣିଶୁଣି ଗ୍ରହଣ କରାଯାଇନାହିଁ । ଏଥିରେ ତୃତୀୟ ମହଲାର ମୁଖା ଖୋଲିଯିବା ଭୟରେ ଏହାକୁ ଗ୍ରହଣ କଲେ ନାହିଁ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି କହିଛନ୍ତି ।

# ମୋବାଇଲକୁ ଆସିବ ବଜ୍ରପାତ ସତର୍କ ସୂଚନା

ଭୁବନେଶ୍ୱର,୧୩।୯ (ସକାଳ ଖବର) : ରାଜ୍ୟରେ ଦିନକୁ ଦିନ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ମୁଖ୍ୟତଃ ଭାରତର ଓଡିଶା ରାଜ୍ୟରେ ବଜ୍ରାଘାତ ମୃତ୍ୟୁସଂଖ୍ୟା ଅଧିକ ଥିବା ରିପୋର୍ଟରୁ ଜଣାପଡିଛି । ପାଣିପାଗ ବିଭାଗ ଏ ନେଇ ଲୋକଙ୍କୁ ସଚେତନତା କରୁଥିଲେ ମଧ୍ୟ ଲୋକଙ୍କ ପାଖେ ସତର୍କ ସୂଚନା ପହଞ୍ଚି ପାରୁନାହିଁ । ଯାହଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି । ତେଣୁ ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବଜ୍ରପାତ ସତର୍କ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏକ ପ୍ରୟାସ କରିଛନ୍ତିଛ ମୋବାଇଲ୍ ଫୋନ୍‌କୁ ବଜ୍ରପାତ ନେଇ ସତର୍କ ସୂଚନା ଟେକ୍ସଟ୍ ମେସେଜ୍ ଓ ଭଏସ୍ ମେସେଜ୍ ଜରିଆରେ ପଠାଯିବା ଲାଗି ନିଷ୍ପତ୍ତି ହୋଇଛି । ପ୍ରକାଶ ଯେ, ଗତକାଲି ବଜ୍ରପାତରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୧ ଜଣପ୍ରାଣ ହରାଇଥିବାବେଳେ ୫ଜଣ ଗୁରୁତର ଆହତ ହୋଇଥିଲେ । ଦେଶର ବଜ୍ରପାତ ଜନିତ ମୃତ୍ୟୁର ୨୦ ପ୍ରତିଶତ ଓଡ଼ିଶାରେ ହିଁ ହେଉଛି ।



ସତ୍‌ସଙ୍ଗରେ ଭଲ ଲୋକଙ୍କ ସହ ମିଶାଯାଏ । ଦୁଃସଙ୍ଗରେ ଖଳଲୋକଙ୍କ ସହ ମିଶାଯାଏ ଯାହାଠୁ ଦୂରେଇବା ଭଲ ।



**ହୁଣ୍ଡିର ଆୟ (୧୩.୯.୧୭)**
**୧,୮୦,୯୨୬**

# ଓଡ଼ିଶାକୁ ଟ୍ରିବ୍ୟୁନାଲ୍‌ର ଶକ୍ତ ଧକ୍କା

ଭୁବନେଶ୍ୱର, ୧୩।୯ (ସକାଳ ଖବର) :- ବଂଶଧାରା ନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ ଦେଇଥିବା ରାୟ ଓଡିଶାକୁ ଶକ୍ତ ଧକ୍କା ଦେଇଛି । ଏହି ନଦୀ ଉପରେ ନିର୍ମାଣଧୀନ କାଟ୍ରାଗୁଡା ଓ ନେରେଡି ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିବ ବୋଲି ଟ୍ରିବ୍ୟୁନାଲ ରାୟ ଦେଇଛନ୍ତି । କାଟ୍ରାଗୁଡା ବ୍ୟାରେଜ୍ କୁ ସର୍ତମୂଳକ ଅନୁମତି ପ୍ରଦାନ କରିଥିବା ବେଳେ

### କାଟ୍ରାଗୁଡା ଓ ନେରେଡି ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିବ

ନେରେଡି ବ୍ୟାରେଜକୁ ପୂର୍ଣ୍ଣ ଅନୁମତି ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ଅନୁପାଳନ ଅନୁଧ୍ୟାନ କରିବା ପାଇଁ ଟ୍ରିବ୍ୟୁନାଲ ଏକ ୪ ଜଣିଆ ସୁପରଭାଇଜର କମିଟି ଗଠନ କରିଛନ୍ତି । ଏଥିରେ କେନ୍ଦ୍ର ଜଳ (ପୃଷ୍ଠା-୭)

# ଚୀନକୁ ଟକ୍କର ଦେବେ ଭାରତ ଓ ଜାପାନ

ଅହମଦାବାଦ, ୧୩।୯ : ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଭାରତ ଗସ୍ତରେ ସବୁଠୁ ବଡ଼ ମୁଖ୍ୟାଂଶରେ ରହିବ ବୁଲେଟ୍ ଟ୍ରେନ ପ୍ରୋଜେକ୍ଟର ଶିଳାନ୍ୟାସ । ବିଶେଷଜ୍ଞଙ୍କ କହିବା କଥା ଦୁଇ ଦେଶ ନିରବତାର ସହ ନିଜର ସଂପର୍କକୁ ଅଧିକ ମଜଭୁତ କରିବା ଦିଗରେ ଅଗ୍ରସର ହୋଇଛନ୍ତି । ଦୁଇ ଦେଶ ମଧ୍ୟରେ ଏମିତି ଏକ ସଂପର୍କ ଗଢ଼ିବାକୁ ଯାଉଛି ଯେଉଁଠି ଭାରତ ଓ ଜାପାନ ମଧ୍ୟରେ ସଂପର୍କ ଦ୍ୱିପାକ୍ଷିକ ସମ୍ବନ୍ଧରେ ସୀମିତ ନରହୁ । ଭାରତ ଓ ଜାପାନ ଅନ୍ୟ ଦେଶରେ ନିଜର ପ୍ରଯୁକ୍ତିବିଦ୍ୟା ଜରିଆରେ ସଂପର୍କକୁ ଅଧିକ ମଜଭୁତ କରୁଛନ୍ତି । ଚୀନର ୱାନ ବେଲ୍ଟ ୱାନ ରୋଡ୍(ଓବିଓଆର) ପ୍ରୋଜେକ୍ଟକୁ ଦୃଷ୍ଟିରେ ରଖି ଭାରତ ଓ ଜାପାନ ସଂପର୍କକୁ ଅଧିକ ମଜଭୁତ କରିବା ଅଧିକ ପ୍ରାସଙ୍ଗିକତା ରହିଛି । ଦୁଇ ଦେଶ ଚାହାନ୍ତି ଯେ ମୋଦୀ ଏବଂ ଆବେଙ୍କ ସାକ୍ଷାତରେ ଏସିଆ-ଆଫ୍ରିକା ଗ୍ରୋଥ କରିଡର(ଏଏଜିସି) ପରି ପ୍ରୋଜେକ୍ଟକୁ ଗତି ମିଳୁଛ ଭାରତ ଓ ଜାପାନର ମିଳିତ ଭାଗିଦାରୀରେ ହେଉଥିବା ଏହି ପ୍ରୋଜେକ୍ଟରେ ଇରାନର ଚାହବହାର ବନ୍ଦରକୁ ବିକଶିତ କରିବା ମଧ୍ୟ ସାମିଲ ରହିଛି । ଉଲ୍ଲେଖଯୋଗ୍ୟ



ଗୁରୁବାର ହେବାକୁ ଥିବା ଦ୍ୱିପାକ୍ଷିକ ଆଲୋଚନାର ଏଜେଣ୍ଡା ପ୍ରସ୍ତୁତ କରିବାକୁ ଦୁଇ ଦେଶର ଅଧିକାରୀ ଦିନ ରାତି ଏକ କରି ଦେଇଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ସିଭିଲ ନ୍ୟୁକ୍ଲିୟର ଡିଲ ପ୍ରଭାବ ଆସିବା ପରେ ଦୁଇ ଦେଶ ମଧ୍ୟରେ ଅନେକ (ପୃଷ୍ଠା-୭)

**ଓପୋଲ୍‌ଫେଡ୍**

ତାରିଖ : ୧୪. ୦୯. ୨୦୧୭

**ଆଜିର ଦର**

- ବ୍ରଏଲର୍ କୁକୁଡା ମାଂସ : ଟ୧୪୦/-(କେଜିପ୍ରତି)
- ବ୍ରଏଲର୍ କୁକୁଡା ମାଂସ :ଟ୧୫୦/-(କେଜିପ୍ରତି) (ବିନା କଲିଜା କରାଟ)
- ବନରାଜା କୁକୁଡା ମାଂସ:ଟ୨୭୦/-(କେଜିପ୍ରତି)
- ଜୀବନ୍ତ ଦେଶୀ କୁକୁଡା :ଟ ୩୨୦/-(କେଜିପ୍ରତି)
- ଅଣ୍ଡା ପ୍ୟାକେଟ୍ : ଟ ୬୨/-(ଏକଡଜନ)
- ଅଣ୍ଡା ପ୍ୟାକେଟ୍ : ଟ ୩୧/-(ଅଧାଡଜନ)

ଯୋଗାଯୋଗ : ୮୭୬୩୯୮୯୮୪୪/ ୯୮୬୧୩୬୦୪୮୦/ ୯୭୭୬୯୪୨୮୫୦

cmyk

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**